## ଗୋରୁ ବୋଝେଇ ପିକଅପ୍ ଜବତ

ଢେଙ୍କାନାଳ,୨୫।୧୧(ରତନ ନାୟାର)- ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅଞ୍ଚଳରେ ସୋମବାର ୨୫ ଗୋରୁ ନେଇ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଫାଣ୍ଡି ପୋଲିସ ଜବତ କରିଛି। ଗୋରୁ ବୋଝେଇ ଗାଡ଼ିଟି ହିନ୍ଦୋଳ ଉପଖଣ୍ଡ ବାଲିମୀ ଥାନା ମାହାଲୁଣ୍ଡା ଗ୍ରାମରୁ କଟକ ଜିଲା ତିଗିରିଆ ଅଞ୍ଚଳକୁ ଯାଉଥିଲା। କୌଣସି ସୂତ୍ରରୁ ଖବରପାଇ ଭାପୁର ଫାଣ୍ଡି ଅଧିକାରୀ ଶାନ୍ତନୁ ପ୍ରଧାନ ଗାଡ଼ିଟିକୁ ଜବତ କରିଥିଲେ। ଏଥିସହ ଗାଡ଼ି ଚାଳକଙ୍କୁ ଅଟକ ରଖି ପଚରା ଉଚରା କରୁଛନ୍ତି।

# ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତିକୁ ଗୁରୁତ୍ୱ

### ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଢେଙ୍କାନାଳ ଗସ୍ତ


ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧିତ ଅଭିଯାନର ସମୀକ୍ଷା କରାଯାଉଛି।

ଢେଙ୍କାନାଳ,୨୫।୧୧(ରତନ ନାୟାର)

ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ସଚିବ ଶତ୍ରୁଘ୍ନ କର ସୋମବାର ଦିନିକିଆ ଢେଙ୍କାନାଳ ଜିଲା ଗସ୍ତରେ ଆସି ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧିତ ଅଭିଯାନର ସମୀକ୍ଷା କରିଛନ୍ତି। ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ଏହି ସମୀକ୍ଷାରେ ଅତିରିକ୍ତ ଜିଲାପାଳ(ନିର୍ବାଚନ) ରମେଶଚନ୍ଦ୍ର ସେଠୀ, ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡ଼ନାୟକ, ଡେପୁଟି କଲେକ୍ଟର(ନିର୍ବାଚନ) ବିନିତା ଦାସ, ସଦର ତହସିଲଦାର ଲିପ୍ତୁସ୍ମିତା ମିଶ୍ର, ପୌର ନିର୍ବାହୀ ଅଧିକାରୀ ସୁକାନ୍ତଚନ୍ଦ୍ର ବେଉରା ପ୍ରମୁଖ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ସହାୟକ ପଞ୍ଜୀକରଣ ଅଧିକାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ବ୍ଲକ ଓ ବୁଥସ୍ତରରେ ଅଗ୍ରାଧିକାର ଭିତ୍ତିରେ ଉଚିତ ସମୟସୀମା ମଧ୍ୟରେ କିଭଳି କାର୍ଯ୍ୟ କରାଯିବ ସେ ନେଇ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେବା ସହିତ ତ୍ରୁଟିମୁକ୍ତ ଭୋଟର ତାଲିକା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ମୃତ ବ୍ୟକ୍ତିଙ୍କୁ ଭୋଟର ତାଲିକାରୁ ବାଦଦେବା ସହ କିଭଳି ୧୮ବର୍ଷରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ଏଥିରେ ଯୋଡ଼ିହେବେ ସେ ସମ୍ପର୍କରେ କହିଥିଲେ। ମୁକ୍ତ, ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ନିର୍ବାଚନ ଆୟୋଗ ପ୍ରତ୍ୟେକ ବର୍ଷ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କରିଥାନ୍ତି। ଏହି ଅଭିଯାନରେ ଭୋଟର ତାଲିକାରେ ତ୍ରୁଟି ବିଚ୍ୟୁତି ସଂଶୋଧନ କରାଯିବା ସହ ନୂତନ ଭାବେ ଯୁବତୀ ଯୁବକଙ୍କୁ ପଞ୍ଜୀକରଣ କରାଯାଉଛି ବୋଲି ସୂଚନା ଦେଇଥିଲେ।

## ଯୁବକଙ୍କୁ ହତ୍ୟା ଧମକ

ବଇଣ୍ଡା,୨୫।୧୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଖଇରମୁଣ୍ଡା ଅଞ୍ଚଳର ଶୋଭେନ ଅଭିନାଶ ସାହୁଙ୍କୁ ବାଘୁଆମୁଣ୍ଡା ଅଞ୍ଚଳର ବିଷ୍ଣୁ ବିଶ୍ୱାଳ, ଡମ୍ବରୁ ବିଶ୍ୱାଳ ହତ୍ୟା ଧମକ ଦେଇଥିବା ଶୋଭେନ ଥାନାରେ ରବିବାର ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୯୧/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଏକ ସରକାରୀ ଜମିରେ ଘର ନିର୍ମାଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିବାବେଳେ ଶୋଭେନଙ୍କୁ ବିଷ୍ଣୁ ଓ ଡମ୍ବରୁ ହତ୍ୟା କରିବା ପାଇଁ ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ଚାଳକ ଗିରଫ, ବାଇକ୍ ଜବତ

ବଇଣ୍ଡା,୨୫।୧୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ ପୋଲିସ ରବିବାର ରାତିରେ ଗାଡ଼ି ମୋଟର ଯାଞ୍ଚ କରିଛି। ଏହି ସମୟରେ ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ସିପୁନ ବେହେରାଙ୍କୁ ଗିରଫ କରାଯିବା ସହ ତାଙ୍କ ବାଇକ୍‌କୁ ଜବତ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ଅପରାଧ ରୋକିବାକୁ ସହରରେ ଲାଗିବ ସିସିଟିଭି

- ଜିଲା ପୋଲିସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ
- ଟ୍ରାଫିକ ବ୍ୟବସ୍ଥା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ



ଢେଙ୍କାନାଳ,୨୫।୧୧(ରତନ ନାୟାର)

ଅପରାଧକୁ ରୋକିବା ପାଇଁ ଢେଙ୍କାନାଳ ସହରରେ ସିସିଟିଭି କ୍ୟାମେରା ଲଗାଯିବ। ଏଥିପାଇଁ ଜିଲା ପୋଲିସ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ମଙ୍ଗଳବାର ସନ୍ଧ୍ୟାରେ ସୂଚନା ପ୍ରଦାନ କରି ଏସ୍‌ପି ଅଭିନବ ସୋନକର କହିଛନ୍ତି, ଢେଙ୍କାନାଳ ସହରକୁ ସିସିଟିଭି ସର୍ଭିଲାନ୍ସ ମଧ୍ୟରେ ରଖାଯିବ। ଫଳରେ ଅପରାଧ ରୋକିବାରେ ଏହା ସହାୟକ ହେବ। ସେହିପରି ଟ୍ରାଫିକ ଅବ୍ୟବସ୍ଥାକୁ ସଜାଡ଼ାଯିବ। ଟ୍ରାଫିକ ସିଗନାଲ ଲାଇଟକୁ କାର୍ଯ୍ୟକ୍ଷମ କରାଯିବ। ସେହିପରି ସହର ମଧ୍ୟରେ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଯାନବାହନ ପାର୍କିଂକୁ ନିଷେଧ କରାଯିବ। ଏଥିପୂର୍ବରୁ ଲୋକମାନଙ୍କୁ ସଚେତନ କରାଯିବ। ବିଶେଷକରି କଲେଜ ଛାତ୍ର ଓ ଯୁବକମାନଙ୍କ ବାଇକରେ ଟ୍ରିପିଲ ରାଇଡିଂକୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯିବ। ବାଇକ୍‌ରେ ଜୋର୍‌ରେ ସାଉଣ୍ଡ କରି ଚାଳନା କରୁଥିବା ବାଇକ୍ ଆରୋହୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପୂର୍ବରୁ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ପୋଲିସ ପକ୍ଷରୁ ସଚେତନ କରାଯିବ। ଟ୍ରାଫିକ ନିୟନ୍ତ୍ରଣ ପାଇଁ ଛାତ୍ରୀଛାତ୍ର ଓ ଯୁବ ଗୋଷ୍ଠୀଙ୍କୁ ମଧ୍ୟ ବିଭିନ୍ନ ପ୍ରଚାର ପ୍ରସାର ମାଧ୍ୟମରେ ସଚେତନ କରାଯିବ। ସବୁ ବର୍ଗର ବ୍ୟକ୍ତି ବିଶେଷଙ୍କ ସହ ଆଲୋଚନା କରାଯାଇ ଜିଲା ପୋଲିସ ପକ୍ଷରୁ ସମସ୍ତଙ୍କ ସହଯୋଗରେ ଏହି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଏସ୍‌ପି ସୂଚନା ଦେଇଥିଲେ।

# ଢେଙ୍କାନାଳ ଜିଲା ଟିମ୍‌ର ଭଦ୍ରକ ଯାତ୍ରା


ପ୍ରତିଯୋଗିତାରେ ଭାଗ ନେବାକୁ ଯାଇଥିବା ଢେଙ୍କାନାଳ ଟିମ୍।

### ରାଜ୍ୟସ୍ତରୀୟ ଟେନିକଏଟ୍ ପ୍ରତିଯୋଗିତା

ଢେଙ୍କାନାଳ,୨୫।୧୧(ରତନ ନାୟାର)

ଭଦ୍ରକ ଜିଲା ସଦର ବ୍ଲକ ଦଇସି ପଞ୍ଚାୟତ କାଉପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଦୁଇଦିନ ଧରି ଅନୁଷ୍ଠିତ ହେଉଛି ୩୬ତମ ରାଜ୍ୟସ୍ତରୀୟ ଟେନିକଏଟ୍ ପ୍ରତିଯୋଗିତା। ବରିଷ୍ଠ ଓ କନିଷ୍ଠ ବିଭାଗରେ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତାର କନିଷ୍ଠ ବର୍ଗ ବାଳିକା ବାଳକ ବିଭାଗରେ ଭାଗ ନେବା ପାଇଁ ଢେଙ୍କାନାଳ ଜିଲାର ଏକ ୧୨ଜଣିଆ ଟିମ୍ ଭଦ୍ରକ ଗସ୍ତ କରିଥିବା ଜିଲା ଟେନିକଏଟ୍ ସଂଘ ସମ୍ପାଦକ ସତ୍ୟବ୍ରତ ବିଶ୍ୱାଳ ଜଣାଇଛନ୍ତି। ସମ୍ପାଦକଙ୍କ ସମେତ ସଭାପତି ସଞ୍ଜୟ କୁମାର ସ୍ୱାଇଁ ଓ ସଂଘ କର୍ମକର୍ତ୍ତାମାନେ ଢେଙ୍କାନାଳ ଜିଲା ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି।

# ପୌରାଞ୍ଚଳ ପର୍ଯ୍ୟଟନର ବିକାଶ ହେବ

### ପୌର ପରିଷଦର ସାଧାରଣ ବୈଠକ

- ରୋଡ୍ ଡିଭାଇଡର ଲାଗିବ
- ନିର୍ଦ୍ଧାରିତ ସମୟରେ କାମ ଆରମ୍ଭ ପାଇଁ ଠିକାସଂସ୍ଥାକୁ ତାଗିଦ

ଢେଙ୍କାନାଳ,୨୫।୧୧(ରତନ ନାୟାର)

ଢେଙ୍କାନାଳ ପୌର ପରିଷଦର ସାଧାରଣ ବୈଠକ ସୋମବାର ପୌରସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ସହରସ୍ଥିତ କୁଟୁଣିଆ ପାହାଡ଼ ଅଞ୍ଚଳକୁ ଏକ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହେବା ସହିତ ପାହାଡ଼ ଉପରେ ଢେଙ୍କା ଶବରଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଆଲୋଚନା ହୋଇଥିଲା। ସେହିପରି ଢେଙ୍କାନାଳ ସହରସ୍ଥିତ ଗଣେଶ ବଜାରରୁ କଲେଜ ବାଇପାସ୍ ଏବଂ ବାଜିଚୌକଠାରୁ କାଲଟାକ୍ସ ପର୍ଯ୍ୟନ୍ତ ରାସ୍ତାର ସ୍ଥିତି ଦେଖି ରୋଡ୍ ଡିଭାଇଡର ବ୍ୟବସ୍ଥା କରାଯିବ। ପୂର୍ତ୍ତ ବିଭାଗ ଏହି ରୋଡ୍ ଡିଭାଇଡର ବ୍ୟବସ୍ଥା କରିବ ଏବଂ ପୌରସଂସ୍ଥା ପକ୍ଷରୁ ଏହାମଧ୍ୟରେ ଆଲୋକୀକରଣ କରାଯିବ। ସେହିପରି ପୌରାଞ୍ଚଳରେ ପୌରସଂସ୍ଥା ପକ୍ଷରୁ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟରେ ସାରିବା ପାଇଁ ଆଲୋଚନା ହୋଇଥିଲା। ଟେଣ୍ଡର ପ୍ରକ୍ରିୟା ପରଠାରୁ ୧୫ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବାକୁ ଠିକା ସଂସ୍ଥାକୁ ତାଗିଦ କରାଯାଇଥିଲା। ଏଥିରେ ଅବହେଳା କଲେ ସମ୍ପୃକ୍ତ ଠିକା ସଂସ୍ଥାକୁ କାର୍ଯ୍ୟରୁ ଅନ୍ତର କରାଯାଇ ଟେଣ୍ଡର ପ୍ରକ୍ରିୟାର ଦ୍ୱିତୀୟ ସ୍ଥାନରେ ଥିବା ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ସେହିପରି ରଥଗଡାଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ ବୋଲି ସୂଚନା ଦିଆଯାଇଥିଲା। ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ବୈଠକରେ ଉପସ୍ଥିତ ଥିଲେ। ସେହିପରି ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କ ପ୍ରତିନିଧି ସନ୍ତୋଷ କୁମାର ରାଉତ ଓ ଏମ୍‌ପିଙ୍କ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ ବୈଠକରେ ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ପୌର ନିର୍ବାହୀ ଅଧିକାରୀ ସୁକାନ୍ତ ବେଉରା ପୌରାଞ୍ଚଳରେ ହେବାକୁ ଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ବୈଠକରେ କାଉନସିଲରମାନଙ୍କ ସମେତ ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ଉପସ୍ଥିତ ଥିଲେ।

# ୨୯ ଅଭିଯୋଗର ସମାଧାନ


ହିନ୍ଦୋଳରେ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ।

ଢେଙ୍କାନାଳ,୨୫।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୧୧ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରେ ୧୦୦ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ, ୨ଟି ଗ୍ରାମ ସମସ୍ୟା, ୩ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା, ୬ଟି ରେଡକ୍ରସ ପାଣ୍ଠିରୁ ସହାୟତା ସମ୍ପର୍କିତ ଅଭିଯୋଗ ରହିଥିଲା। ଶିବିରରେ ୨୯ଟି ଅଭିଯୋଗର ସମାଧାନ କରାଯାଇଥିଲା। ଏହି ଶୁଣାଣି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ଅଭିନବ ସୋନକର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜିଲା ପରିଷଦ ଭାରପ୍ରାପ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ସୁଜାତା ପ୍ରିୟଦର୍ଶିନୀ, ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି କରିଥିଲେ।

# ମାତୃ ଭବନରେ ସିଦ୍ଧି ଦିବସ ପାଳିତ


ମାତୃ ଭବନରେ ସିଦ୍ଧି ଦିବସ ପାଳନ କରାଯାଉଛି।

ଢେଙ୍କାନାଳ,୨୫।୧୧(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ମାତୃଭବନ ବାରଦାରେ ରବିବାର ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ପବିତ୍ର ସିଦ୍ଧି ଦିବସ ଭକ୍ତି ଓ ନିଷ୍ଠାର ସହ ପାଳିତ ହୋଇଛି। ଏହି ଅବସରରେ ମା'ଙ୍କ ନିକଟରେ ପୁଷ୍ପ, ଧୂପ ଅର୍ପଣ କରାଯିବା ପରେ ଅନୁଷ୍ଠାନର ସମ୍ପାଦକ ସଚ୍ଚିଦାନନ୍ଦ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମା'ଙ୍କ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଶିକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବନ୍ଦେ ମାତରମ ଗାନ ସହ ବ୍ୟାଣ୍ଡ ପାର୍ଟି ମାଧ୍ୟମରେ ମାର୍ଚ୍ଚପାଷ୍ଟ କରାଯାଇଥିଲା। ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଏକ ପରିପୂର୍ଣ୍ଣ ମାନବରେ ପରିଣତ କରିବା ପାଇଁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ଏହାପରେ ସମବେତ ଛାତ୍ରୀଛାତ୍ର ଓ ମାତୃଭକ୍ତମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ମାତୃଭବନ ଓ ଶିକ୍ଷା କେନ୍ଦ୍ରର କର୍ମକର୍ତ୍ତା, ପରିଚାଳନା କମିଟି ସଭାପତି ଓ ସଭ୍ୟ, ପାଠଚକ୍ରର ସଭ୍ୟାସଭ୍ୟ, ମାତୃପ୍ରେମୀ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାତ୍ମିକ ପତାକା ଅବତରଣ କରାଯାଇ ଉତ୍ସବ ଉଦ୍‌ଯାପିତ ହୋଇଥିଲା।

# ଡିପିଏସ୍‌ର ବାର୍ଷିକ ଉତ୍ସବ ପାଳିତ

ଢେଙ୍କାନାଳ,୨୫।୧୧(ରତନ ନାୟାର)



ଡିପିଏସ୍‌ର ବାର୍ଷିକ ଉତ୍ସବ ପାଳନ କରାଯାଉଛି।

ଢେଙ୍କାନାଳସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍)ର ଦଶମ ବାର୍ଷିକ ଉତ୍ସବ 'ଡ୍ୟାଜଲିଙ୍ଗ୍ ଡେକେନିୟମ' ରବିବାର ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ବିଦ୍ୟାଳୟର ପ୍ରୋ ଭାଇସ ଚେୟାରମ୍ୟାନ ବିନୋଦ ଦାଶ, ଟ୍ରଷ୍ଟି ଅନିତା ପାଢୀ, ଡାଇରେକ୍ଟର ଡ. ଲଗ୍ନଜିତ ଦାଶ, ସିନର୍ଜୀ ବିଏସ୍‌ସି ନର୍ସିଂ ଅଧ୍ୟକ୍ଷ ଜେ. ଶିବକାମୀ ଏବଂ ରଣେନ୍ଦ୍ର ପ୍ରତାପ ସିଂହଦେଓ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷ ବିଜୟ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରି କହିଲେ, ୨୦୧୪ ମସିହାରେ ୫୨ ଛାତ୍ରୀଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ଏବେ ୧୮୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ଅବସରରେ ଏକ ପ୍ରାମାଣିକ ଚିତ୍ର ପ୍ରଦର୍ଶିତ ହୋଇଥିଲା। ନର୍ସରୀଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ଫ୍ୟୁଜନ, ସଙ୍ଗୀତ, ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ୨୦୨୩-୨୪ ଶିକ୍ଷା ବର୍ଷର ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଜାତୀୟ ସଙ୍ଗୀତ ଗାନ ସହିତ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା।

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଶିକ୍ଷକ ଗିରଫ

### ବହିଷ୍କାର ଦାବିରେ ସ୍କୁଲ ଗେଟ୍ ସମ୍ମୁଖରେ ଧାରଣା

ପରଜଙ୍ଗ,୨୫।୧୧(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳର ଏକ ବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ପୋଲିସ ନଂ. ୫୨୦/୨୪ରେ ଏକ ମାମଲା ରୁଜୁ କରି ଶିକ୍ଷକ ଯଶୋବନ୍ତ ବିଶ୍ୱାଳ(୫୨)ଙ୍କୁ ସୋମବାର ଗିରଫ କରିଛି। ତେବେ ଅଭିଯୁକ୍ତ ଶିକ୍ଷକଙ୍କୁ ବହିଷ୍କାର କରାଯିବା ଦାବିରେ ଅଭିଭାବକମାନେ ସ୍କୁଲ ଗେଟ୍ ସମ୍ମୁଖରେ ଧାରଣା ଦେଇଛନ୍ତି।

ଅଭିଯୋଗରୁ ପ୍ରକାଶ, ଗତ ଶୁକ୍ରବାର ସମ୍ପୃକ୍ତ ଶିକ୍ଷକ ଛାତ୍ରୀ ଜଣଙ୍କୁ ଅସଦାଚରଣ କରିଥିଲେ। ଛାତ୍ରୀ ଏ ସମ୍ପର୍କରେ ଘରେ ଜଣାଇଥିଲେ। ଶନିବାର ଓ ରବିବାର ବିଦ୍ୟାଳୟ ଛୁଟି ଥିବାରୁ ସୋମବାର ଛାତ୍ରୀ ଓ ସେମାନଙ୍କ ଅଭିଭାବକ ସ୍କୁଲ ଆସି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅଭିଯୋଗ କରିଥିଲେ। ହେଲେ ସେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଥାନାକୁ ଗଲେ ଅସୁବିଧା ହେବ ବୋଲି ଧମକ ଦେଇଥିବା ଛାତ୍ରୀଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ଖବରପାଇ ବ୍ଲକ ଶିକ୍ଷା ଅଧିକାରୀ ହରିହର ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ ସିଆର୍‌ସି ଅଜିତ କୁମାର ଦାସ ତଦନ୍ତ ପାଇଁ ସ୍କୁଲରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ପୋଲିସ ମଧ୍ୟ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରିଥିଲା। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ପ୍ରିୟବ୍ରତ ଦାସ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବିଇଓ ଦେହୁରୀ କହିଛନ୍ତି, ସମ୍ପୃକ୍ତ ଶିକ୍ଷକଙ୍କୁ ପୋଲିସ ଗିରଫ କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯିବାର ୨୪ ଘଣ୍ଟା ମଧ୍ୟରେ ଶିକ୍ଷକଙ୍କୁ ନିଲମ୍ବନ କରାଯିବ।

# ପ୍ରତ୍ନତତ୍ତ୍ୱ ବିଭାଗର ଅଷ୍ଟଶମ୍ଭୁ କୁଆଲୋ ପରିଦର୍ଶନ



ପରଜଙ୍ଗ,୨୫।୧୧(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ କୁଆଲୋଠାରେ ଥିବା ଅଷ୍ଟାଦଶ ଶତାବ୍ଦୀର ପ୍ରାଚୀନ ଶୈବପୀଠକୁ ପ୍ରତ୍ନତତ୍ତ୍ୱ ବିଭାଗର ମୁଖ୍ୟ କେ. କେ. ବାସା, ଓଡ଼ିଶା ମୁଖ୍ୟ ଡି. ବି. ଗଡ଼ନାୟକ, ଯନ୍ତ୍ରୀ ସି. ଆର. ଦାସ ଏବଂ ଭୋପାଳ ପ୍ରତ୍ନତତ୍ତ୍ୱ ବିଭାଗ ମୁଖ୍ୟ ପ୍ରଫେସର ରାଓ ପ୍ରମୁଖ ପରିଦର୍ଶନ କରିବା ସହ ମନ୍ଦିରର ଭଗ୍ନାଂଶକୁ ନେଇ ଖୋଳତାଡ଼ ଆରମ୍ଭ କରିଛନ୍ତି। କିପରି ଏହାର ରକ୍ଷଣାବେକ୍ଷଣ କରାଯାଇପାରିବ ତାହାକୁ ନେଇ ଆଲୋଚନା କରିଥିଲେ। ପ୍ରାୟ ୧୦ ବର୍ଷ ପୂର୍ବରୁ ମନ୍ଦିରକୁ ଅଧା ଖଣ୍ଡିଆ ପ୍ରସ୍ତୁତି କରି ପ୍ରତ୍ନତତ୍ତ୍ୱ ବିଭାଗ ଛାଡ଼ି ପଳାଇଥିବାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ପରେ ପୁଣି ଥରେ ବିଭାଗ ପକ୍ଷରୁ ପୁନଃ ତତ୍ପରତା ପ୍ରକାଶ ପାଇଛି। ବିଭାଗୀୟ ମୁଖ୍ୟ ବାସା କହିଛନ୍ତି, ଅତିଶୀଘ୍ର ଏହି ଅଧାପନ୍ତରିଆ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରସ୍ତୁତି କରାଯାଉଛି। ନକ୍ସା ବର୍ତ୍ତମାନ ତିଆରି ଚାଲିଛି। ଭୋପାଳରୁ ପ୍ରଫେସର ରାଓ ଓ ତାଙ୍କ ଟିମ୍ ଆସି ତଦାରଖ କରୁଛନ୍ତି। ଏହି ଅବସରରେ କୋଦାଳକଗଡ ସାଂସ୍କୃତିକ ପ୍ରତିଷ୍ଠାନ କୁଆଲୋର କାର୍ଯ୍ୟକର୍ତ୍ତାମାନେ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବାସାଙ୍କୁ ଏକ ଦାବିପତ୍ର ଦେଇଥିଲେ। ଏଠି ୮ଟି ଶିବ ମନ୍ଦିରର ପୁନରୁଦ୍ଧାର, ମା' ପାର୍ବତୀ ମନ୍ଦିରର ପୁନରୁଦ୍ଧାର, ପାକଶାଳା, ପ୍ରସାଦସେବନ ମଣ୍ଡପ, ଭକ୍ତ ନିବାସ, ମୋଟର ସାଇକେଲ ଷ୍ଟାଣ୍ଡ, ସେବାୟତଙ୍କ ପାଇଁ ବିଶ୍ରାମଗୃହ, ଯଜ୍ଞ ମଣ୍ଡପ, ପିଇବା ପାଣିର ସର୍ବକାଳୀନ ସୁବ୍ୟବସ୍ଥା, ଆଲୋକୀକରଣ, ମନ୍ଦିରକୁ ଯିବା ଆସିବା ରାସ୍ତା ଏବଂ ଶୌଚାଳୟ ସମ୍ପୂର୍ଣ୍ଣ କରିବା ପାଇଁ ନିବେଦନ କରାଯାଇଛି। ଯାହାକୁ ବାସା ଅତିଶୀଘ୍ର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

ବଇଣ୍ଡା,୨୫।୧୧ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସରା ଗ୍ରାମର ଅବନୀ ସାହୁ ଓ ତାଙ୍କ ସ୍ତ୍ରୀ ତିଳ ସାହୁଙ୍କୁ ପୁତୁରା ଜିତେନ୍ଦ୍ର ସାହୁ ଆକ୍ରମଣ କରିଥିବା ରବିବାର ଅବନୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୩୯୭/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଅବନୀ ଓ ତିଳ ବିଲକୁ ଧାନ ଆଣିବା ପାଇଁ ଶଗଡ଼ ନେଇ ଯାଉଥିବାବେଳେ ରାସ୍ତା ସାଇଡକୁ ନେଇ ଜିତେନ୍ଦ୍ର ଅବନୀଙ୍କୁ ଗାଳି କରିଥିଲେ। ତିଳ ଏହାର ପ୍ରତିବାଦ କରିବାରୁ ଉତ୍କ୍ଷିପ୍ତ ହୋଇ ଜିତେନ୍ଦ୍ର ଉକ୍ତ ଦମ୍ପତିଙ୍କୁ ପଥରରେ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ଜିତେନ୍ଦ୍ର ମଧ୍ୟ ଏକ ପାଲଟା ଅଭିଯୋଗ କରିଛନ୍ତି। ସେ ବିଲକୁ ଧାନ ସଂଗ୍ରହ ପାଇଁ ଯାଇଥିବାବେଳେ ଅବନୀ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ପୋଲିସ ନମ୍ବର ୩୯୮/୨୪ରେ ଏକ ମାମଲା ରୁଜୁ କରିବା ସହ ଉଭୟ ଅଭିଯୋଗର ତଦନ୍ତ କରୁଛି।

# ଲିଙ୍ଗଗତ ହିଂସା ବିରୋଧୀ ଅଭିଯାନ ଆରମ୍ଭ



ଲିଙ୍ଗଗତ ହିଂସା ବିରୋଧରେ ୧୬ ଦିନିଆ ଅଭିଯାନର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

ଢେଙ୍କାନାଳ,୨୫।୧୧(ରତନ ନାୟାର)

ଢେଙ୍କାନାଳ ସଖୀ ୱାନ୍ ଷ୍ଟପ୍ ସେଣ୍ଟର ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଲିଙ୍ଗଗତ ହିଂସା ବିରୋଧରେ ଏକ ୧୬ ଦିନିଆ ଅଭିଯାନ ଆରମ୍ଭ ହୋଇଛି। ସୋମବାର ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ପରିସରରେ ଏହାର ଉଦ୍‌ଘାଟନୀ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ସମାଜରେ ଲିଙ୍ଗଗତ ଅସମାନତା ଓ ହିଂସାକୁ ଦୂର କରିବା ଏବଂ ଜନ ସାଧାରଣଙ୍କୁ ସଚେତନ କରିବା। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି ଚେୟାରପର୍ସନ ପୁଷ୍ପକ ତ୍ରିପାଠୀ, ସଦସ୍ୟା କୁର୍ସିଦା ବେଗମ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଉପଜିଲା ଆରକ୍ଷୀ ଅଧିକାରୀ ପ୍ରଭାତ ବିଶ୍ୱାଳ, ଜିଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା, ସୁରକ୍ଷା ଅଧିକାରୀ କବିତା ସାହୁ, ଏମ୍‌ଡିଏସ୍‌ଏମ୍‌ର ନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁ ଓ ଶୋଭା ଅନୁଷ୍ଠାନର ଟିମ୍ ମ୍ୟାନେଜର ପ୍ରଶାନ୍ତ କୁମାର ଦାସ ଯୋଗ ଦେଇଥିଲେ। ଆକଶନଏଡ୍‌ର ଜିଲା ସଂଯୋଜିକା ଅର୍ଚ୍ଚନା ଶର୍ମା ଓ ସଖୀ କେନ୍ଦ୍ର ପ୍ରଶାସିକା ସ୍ମିତାରାଣୀ ପାତ୍ର ପରିଚାଳନା କରିଥିଲେ। ଏଥିରେ ଲିଙ୍ଗଗତ ହିଂସା ଏବଂ ସମାଜରେ ଏହାର ଖରାପ ପ୍ରଭାବ ତଥା ଏହାର ଅବସାନ ବିଷୟରେ ଆଲୋଚନା ହୋଇଥିଲା। ନାରୀ ସୁରକ୍ଷା କାର୍ଯ୍ୟ କରିବା ନିମନ୍ତେ ସମସ୍ତେ ସାମୂହିକ ଶପଥପାଠ କରିଥିଲେ ଏବଂ ଦସ୍ତଖତ ଅଭିଯାନର ଆରମ୍ଭ ହୋଇଥିଲା। ଏହି ୧୬ ଦିନ ଅଭିଯାନ ସମୟରେ ବିଭିନ୍ନ ଅନୁଷ୍ଠାନ, ସ୍କୁଲ, କଲେଜ ଏବଂ ସାର୍ବଜନିକ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯିବ।

## ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, (ପରିକ୍ଷିତ ସାହୁ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୁତୁଲାସିଙ୍ଗା ଗ୍ରାମର ସଞ୍ଜିତା ଖିଲାରଙ୍କୁ ତାଙ୍କ ଶ୍ୱଶୁର ହାଡ଼ିବନ୍ଧୁ ଖିଲାର ଓ ପପୁନ ଖିଲାର ମାଡ଼ ମାରିଥିବା ସଞ୍ଜିତା ଥାନାରେ ରବିବାର ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୮୦/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସଞ୍ଜିତା ଜମିରେ କାମ କରୁଥିବାବେଳେ ହାଡିବନ୍ଧୁ ଓ ପପୁନ ଆସି ଏହି ଜମିରେ କାହିଁକି କାମ କରୁଛୁ କହି ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ

ବଅଁରପାଳ,୨୫ା୧୧(ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ମହିଳା ଜଣକ ଛେଳି ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଅପରାହ୍ନ ୧ଟାରେ ଅଭିଯୁକ୍ତ ବଳିଆ ପରିଡ଼ା (୩୬) ତାଙ୍କୁ ବଳାତ୍କାର କରିଥିଲେ। ଏଥିସହ ମହିଳାଙ୍କ ଅର୍ଦ୍ଧନଗ୍ନ ଫଟୋ ମୋବାଇଲରେ ଉଠାଇଥିଲେ। ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ଫଟୋ ଭାଇରାଲ କରିବା ସହ ସ୍ୱାମୀଙ୍କୁ ମଦରେ ବିଷ ମିଶାଇ ପିଆଇ ହତ୍ୟା କରିବାକୁ ଧମକ ଦେଇଥିଲେ। ସମ୍ପୃକ୍ତ ମହିଳା ସମସ୍ତ ଘଟଣା ସ୍ୱାମୀଙ୍କୁ କହିବା ପରେ ମା'ଙ୍କ ସହିତ ଅଭିଯୁକ୍ତ ବଳିଆଙ୍କ ଘରକୁ ଯାଇଥିଲେ। ହେଲେ ସେଠାରେ ଅଭିଯୁକ୍ତ ବଳିଆ ଓ ତାଙ୍କ ପରିବାର ସଦସ୍ୟ ମିଶି ସେମାନଙ୍କୁ ଗାଳିଗୁଲଜ ଓ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ବଳିଆଙ୍କ ୨ ଭାଇ ପପୁ ପରିଡ଼ା ଓ ଡିଲ ପରିଡ଼ା ପୀଡ଼ିତାଙ୍କୁ ମାଡ଼ ମାରି ଘରୁ ପଳାଇଯିବାକୁ ଧମକ ଦେଇଥିଲେ। ଏ ନେଇ ପୀଡ଼ିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୪୮୬/୨୪ ମାମଲା ରୁଜୁ କରିଛି। ଡିଏସ୍‌ପି ଲଳିତା ଲାକ୍ରା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମୁଖ୍ୟ ଅଭିଯୁକ୍ତ ବଳିଆ ପରିଡ଼ା ଓ ତାଙ୍କ ୨ ଭାଇଙ୍କୁ ପୋଲିସ ଅଟକ ରଖିଥିବା ସୂଚନା ଦେଇଛି।

# ଜିଲାସ୍ତରୀୟ ମିଳିତ ଜନଶୁଣାଣିରେ ୧୧୩ ଅଭିଯୋଗ

ତାଳଚେର,୨୫ା୧୧(ମନୋଜ ନନ୍ଦ)

ତାଳଚେର ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ। ଶିବିରରେ ମୋଟ ୧୧୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୮୦ଟି ବ୍ୟକ୍ତିଗତ ଓ ୩୩ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବା ବେଳେ ୩ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ରେଡ୍‌କ୍ରସ୍ ପାଣ୍ଠିରୁ ୨ ଜଣଙ୍କୁ ୧୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନନ୍ଦ ମହାନ୍ତି, ତାଳଚେର ଉପଜିଲାପାଳ ସମୀର କୁମାର ଜେନା, ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ତାଳଚେର ତହସିଲଦାର ରୋଜାଲିନ ବେହେରା, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନିରୋଦ ଦାସଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ସେହିପରି ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ଅନୁଗୋଳ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏହି ଶିବିରରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।



ଜିଲାସ୍ତରୀୟ ମିଳିତ ଜନଶୁଣାଣିରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟ ଅଧିକାରୀମାନେ।

## ଜନ ବିକାଶ କଲ୍ୟାଣ ସଂଘ ପକ୍ଷରୁ ଦାବିପତ୍ର

ତାଳଚେର,୨୫ା୧୧ (ମନୋଜ ନନ୍ଦ)

ତାଳଚେରରେ ସୋମବାର ଅନୁଷ୍ଠିତ ଜିଲାପାଳଙ୍କ ମିଳିତ ଜନଶୁଣାଣିରେ ଜନ ବିକାଶ କଲ୍ୟାଣ ସଂଘ ପକ୍ଷରୁ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, ତାଳଚେର ଯୁବପିଢ଼ିଙ୍କ ବୃହତ୍ ସ୍ୱାର୍ଥକୁ ଆଖି ଆଗରେ ରଖି ଖଣି, କଳକାରଖାନା ଗୁଡିକରେ କାର୍ଯ୍ୟରତ କମ୍ପାନୀ, ସାଇଲୋ, ସିକ୍ୟୁରିଟି ସଂସ୍ଥା, ଠିକାଦାରଙ୍କ ସର୍ଭିସ ରେଜିଷ୍ଟର ସ୍ଥାନୀୟ ପ୍ରଶାସନଙ୍କ ଉପସ୍ଥିତିରେ ସାର୍ବଜନୀନ କରାଯାଉ ଏବଂ ସେଠାରେ ତାଳଚେର ଉପଖଣ୍ଡର କେତେଜଣ ଯୁବତୀ ଯୁବକ ନିଯୁକ୍ତି ପାଇଛନ୍ତି ନିଶ୍ଚିତ କରାଯାଉ। କୋଇଲାଖଣି ଭିତରେ ଲୋକାଲ ସେଲ୍ ବ୍ୟବସ୍ଥା ଥିବାରୁ କିଛି ମାତ୍ରାରେ ବେପାର ବାଣିଜ୍ୟ କରି ସ୍ଥାନୀୟ ଲୋକେ ଉପକୃତ ହେଉଛନ୍ତି। ସେହିପରି ଶିକ୍ଷିତ ଯୁବତୀ, ଯୁବକ, କୁଶଳୀ, ଅର୍ଦ୍ଧ କୁଶଳୀ, ଅଣ କୁଶଳୀ ଯୁବବର୍ଗ ଉପକୃତ ହେବାପାଇଁ ଲୋକାଲ ରିକ୍ୟୁରିଟିମେଣ୍ଟ ଅଫିସ ଖୋଲାଯାଇ ତାହାର ସମସ୍ତ ଦାୟିତ୍ୱ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ନିର୍ବାହ କରୁ। ୧୪୯ ନମ୍ବର ଜାତୀୟ ରାଜପଥର ଗୋଡ଼ିବନ୍ଧ ଠାରୁ ବହ୍ଲର ଦେଇ ବଅଁରପାଳ ଯାଏଁ ଚାରିଥାକିଆ ରାସ୍ତା ପାଇଁ ଦୀର୍ଘ ଦିନ ହେବ ଟଙ୍କା ମଞ୍ଜୁରୀ ହୋଇଥିଲେ ମଧ୍ୟ କାର୍ଯ୍ୟାରମ୍ଭ ହୋଇପାରୁନାହିଁ। ଏଣୁ ଟେଣ୍ଡର ଖୋଲିବା ପୂର୍ବରୁ ଅଧିଗ୍ରହଣ କାର୍ଯ୍ୟ ବା ପେମେଣ୍ଟ ସାରି ସ୍ଥାନୀୟ ସମସ୍ୟାରେ ସମାଧାନ ଆଣିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଉ। ଏହି ଦାବିପତ୍ର ପ୍ରଦାନ ସମୟରେ ଜନବିକାଶ କଲ୍ୟାଣ ସଂଘ ସଭାପତି ଭୁପେନ ଥମ୍ବ, ସମ୍ପାଦକ ଦ୍ରୁମଦ କୁମାର ପ୍ରଧାନ, ଜିତେନ୍ଦ୍ର ମହାପାତ୍ର, କୈଳାସ ବେହେରା, ଦିବ୍ୟରଞ୍ଜନ ବାରିକ, ହିମାଂଶୁ ଶେଖର ମିଶ୍ର, କିଶୋର କୁମାର ସାହୁ, ଗଗନ ବିହାରୀ ଦାସ, ଭାଗୀରଥି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବଇଣ୍ଡା,୨୫ା୧୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମର ଧର୍ମପ୍ରାଣା ମହିଳା ସୀତା ବାଈ ଶର୍ମା (୧୦୩)ଙ୍କ ସୋମବାର ଅନୁଗୋଳସ୍ଥିତ ତାଙ୍କ ଝିଅଙ୍କ ବାସଭବନରେ ପରଲୋକ ହୋଇଯାଇଛି। କିଛି ମାସ ହେବ ସେ ଅସୁସ୍ଥ ଥିଲେ। ସେ ଜଣେ ଧର୍ମପ୍ରାଣା ଓ ପରୋପକାରୀ ଭାବରେ ବଇଣ୍ଡା ଅଞ୍ଚଳରେ ବେଶ୍ ଜଣାଶୁଣା ଥିବାବେଳେ ତାଙ୍କ ପରଲୋକ ଖବରକୁ ନେଇ ବଇଣ୍ଡାରେ ଶୋକର ଛାୟା ଖେଳିଯାଇଛି। ଆଠମଲ୍ଲିକ ବିଧାୟକ ନଳିନୀ ପ୍ରଧାନ ଶୋକ ପ୍ରକାଶ କରିଛନ୍ତି।



# ରାଣୀ ସତୀ ଦାଦି ମନ୍ଦିରର ସ୍ୱର୍ଣ୍ଣ ଜୟନ୍ତୀ

ଅନୁଗୋଳ,୨୫ା୧୧ (ମାନସ ବିଶ୍ୱାଳ)

ଅନୁଗୋଳ ସହର ମାରୁଆଡି ପଞ୍ଚାୟତସ୍ଥିତ ରାଣୀ ସତୀ ଦାଦି ମନ୍ଦିରର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ ସୋମବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ପାଳିତ ହୋଇଯାଇଛି। ନାରାୟଣୀ ଦେବୀ ଭକ୍ତ ମଣ୍ଡଳ ଏବଂ ମାରୁଆଡି ପଞ୍ଚାୟତର ସହଯୋଗରେ ଏହି ଉତ୍ସବ ପାଳନ ହୋଇଥିଲା। ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ ପାଇଁ ସୋମବାର ପ୍ରାତଃ ସମୟରେ ମାରୁଆଡି ପଞ୍ଚାୟତ ମନ୍ଦିର ଠାରୁ ମହିଳାମାନେ ଦାଦିଙ୍କ ପତାକା ହାତରେ ନେଇ ଏକ ଶୋଭାଯାତ୍ରାରେ ବାହାରି ଉତ୍ସବ ସ୍ଥଳରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇଥିଲେ। ଅପରାହ୍ନ ୩ ଘଟିକାରେ ସାମୂହିକ ମଙ୍ଗଳ ପାଠ କରାଯାଇଥିଲା। ଏହି ଧାର୍ମିକ କାର୍ଯ୍ୟକ୍ରମରେ ମାରୁଆଡି ସମାଜର ଭକ୍ତମାନେ ସାମିଲ ହୋଇ ଦାଦିଜୀଙ୍କ ଆଶୀର୍ବାଦ ପ୍ରାପ୍ତ କରିଥିଲେ। ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମର ବ୍ୟବସ୍ଥା ଭକ୍ତମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା।



# ୩ ବଖରା ପୋଡ଼ି ପାଉଁଶ

ମାଧପୁର,୨୫ା୧୧ (ମନୋଜ ପ୍ରଧାନ)

ଆଠମଲ୍ଲିକ ତହସିଲ ଅଧୀନ କିଆକଟା ପଞ୍ଚାୟତର ଶଙ୍ଖାମାଳ ଗ୍ରାମରେ ଅଗ୍ନିକାଣ୍ଡ ଘଟି ରବିବାର ବିଳମ୍ବିତ ରାତ୍ରିରେ ଶମ୍ଭୁ ବେହେରା, କମ୍ଭୁ ବେହେରା ଏବଂ ମଧୁ ବେହେରାଙ୍କ ୩ ବଖରା ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ରାତି ପ୍ରାୟ ୧୨ଟାରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଫଳରେ ସମ୍ପୃକ୍ତ ୩ ପରିବାରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ବୌଦ୍ଧ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ସୋମବାର ସକାଳେ କିଆକଟା ରାଜସ୍ୱ ଅଧିକାରୀ ପ୍ରଦୀପ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ଏହାପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଠମଲ୍ଲିକ ବ୍ଲକ ପ୍ରତିନିଧି ପ୍ରକାଶ କୁମାର ସାହୁଙ୍କ ନେତୃତ୍ୱରେ ଯୁବ ନେତା ସୁମନ୍ତ କୁମାର ପ୍ରଧାନ, ପୂର୍ବତନ ବ୍ଲକ ସଭାପତି ଅଲେଖ ଭୋଇ, ସଞ୍ଜୀବ କର୍ମୀ, ଝୁନା ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରିବା ସହ ଏ ସମ୍ପର୍କରେ ସରକାରୀ ଅଧିକାରୀଙ୍କ ସହିତ ଆଲୋଚନା କରି ଉଚିତ କ୍ଷତିପୂରଣ ପାଇଁ ଦାବି କରିଛନ୍ତି।



# ଜମିବାଡ଼ିକୁ କେନ୍ଦ୍ରକରି ହଣାକଟା

ପରଜଙ୍ଗ,୨୫ା୧୧(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅନ୍ତର୍ଗତ ବସୁଲେଇ ଗ୍ରାମରେ ସୋମବାର ଜମିବାଡ଼ିକୁ କେନ୍ଦ୍ରକରି ଅପାଳି ଭୂତିଆ (୫୪) ଓ ବଳଭଦ୍ର ପରିଡା (୪୪)ଙ୍କ ପରିବାର ମଧ୍ୟରେ ହଣାକଟା ହେବାରୁ ୨ଜଣ ଗୁରୁତର ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗରୁ ଜଣାପଡ଼ିଛି, ରେଙ୍ଗାଳି ବାମ କେନାଲରେ ପୂର୍ବରୁ ଯାଇସାରିଥିବା ଜାଗାକୁ ନେଇ ଉଭୟ ପରିବାର ମଧ୍ୟରେ କିଛିଦିନ ହେଲା ପାଟିତୁଣ୍ଡ ଚାଲିଥିଲା। ଏ ନେଇ ଗ୍ରାମରେ ସମାଧାନ କରାଯାଇଥିଲା। ହେଲେ ଅପାଳି ଖଳା କରିବାକୁ ବଳଭଦ୍ରଙ୍କ ଜାଗାରେ ଖୁଣ୍ଟ ପୋତିଥିବାବେଳେ ବଳଭଦ୍ର ତାହାକୁ ଓପାଡ଼ି ଫିଙ୍ଗି ଦେଇଥିଲେ। ଫଳରେ ଅପାଳି ଏକ ଟାଙ୍ଗିଆ ଆଣି ବଳଭଦ୍ରଙ୍କୁ ଚୋଟ ପକାଇଥିଲେ। ଏହା ଦେଖି ବଳଭଦ୍ରଙ୍କ ପରିବାର ସଦସ୍ୟମାନେ ଧାଇଁଆସି ଟାଙ୍ଗିଆ ଛଡ଼ାଇ ଅପାଳିଙ୍କୁ ଆକ୍ରମଣ କରିଥିଲେ। ପରେ ଉଭୟଙ୍କୁ ପରଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ପୋଲିସ ବଳଭଦ୍ରଙ୍କ ବଡ଼ଭାଇ ତ୍ରିନାଥ ପରିଡାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ଚାଳକଙ୍କ ଉପରେ ଚଢ଼ିଗଲା ଟ୍ରାକ୍ଟର

ଛେଣ୍ଡିପଦା, ୨୫ା୧୧ (ଅଜିତ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା ବରସାହି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ହମ୍ପସଠାରେ ସୋମବାର ଏକ ଚଳନ୍ତା ଟ୍ରାକ୍ଟର ତଳକୁ ଚାଳକ ହଣ୍ଡପା ଥାନା ଖନ୍ଦାନାଳ ଗ୍ରାମର ବିଜୟ କୁମାର ସାହୁ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି। ପୋଲିସ କହିଛି, ବିଜୟ ଟ୍ରାକ୍ଟରରେ ଘରୁ କଖାରୁ ନେଇ ବାଗଡିଆ ହାଟକୁ ଯାଇଥିଲେ। ସେଠାରୁ ଗାଁକୁ ଫେରୁଥିବାବେଳେ ବରସାହି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ହମ୍ପସରେ ଗାଡ଼ି ଭାରସାମ୍ୟ ହରାଇବାରୁ ବିଜୟ ଟ୍ରାକ୍ଟରରୁ ଛିଟିକି ଚକା ତଳେ ପଡିଯାଇଥିଲେ। ଫଳରେ ଗାଡ଼ି ବିଜୟଙ୍କ ମୁଣ୍ଡ ଉପରେ ଚଢ଼ିଯିବା ସହ ବିଦ୍ୟାଳୟ ପାଚେରିକୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଚାଳକଙ୍କୁ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଗାଡ଼ି ଓ ମୃତଦେହ ଜବତ କରିବା ସହିତ ଥାନାରେ ନମ୍ବର ୨୩୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।






